## ପ୍ରବାସୀ ଭାରତୀୟଙ୍କ ପ୍ରତି କେନ୍ଦ୍ରର କୋହଳ ନୀତି

# ଓସିଆଇ କାର୍ଡଧାରୀଙ୍କ ଭାରତ ପ୍ରତ୍ୟାବର୍ତ୍ତନକୁ ଅନୁମତି




ନୂଆଦିଲ୍ଲୀ,୨୨।୫/ଏଜେନ୍ସି : ଶୁକ୍ରବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦରିଆପାରି ଭାରତୀୟ ନାଗରିକଙ୍କ ଭାରତ ପ୍ରତ୍ୟାବର୍ତ୍ତନକୁ କଟକଣାମୁକ୍ତ କରାଯାଇଛି । ବିଶେଷ କରି ଭାରତ ବାହାରେ ରହୁଥିବା ଭାରତୀୟ ଦମ୍ପତିଙ୍କଠାରୁ ଜନ୍ମିତ ପିଲାଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର କୋହଳ ଆଭିମୁଖ୍ୟ ପୋଷଣ କରି ପ୍ରବାସୀ ଭାରତୀୟ ନାଗରିକ (ଓସିଏ) କାର୍ଡଧାରୀଙ୍କ ଭାରତ ଗସ୍ତକୁ ଅନୁମତି ପ୍ରଦାନ କରିଛନ୍ତି । ଏଣିକି ପ୍ରବାସୀ ଭାରତୀୟ ନାଗରିକ କାର୍ଡଧାରୀମାନେ ଜରୁରି ପରିସ୍ଥିତିରେ ଭାରତକୁ ଗସ୍ତ କରି ସେମାନଙ୍କ ପିତାମାତାଙ୍କୁ ଦେଖିପାରିବେ । କେନ୍ଦ୍ର ସରକାରଙ୍କ ବନ୍ଦେ ମାତରମ ମିଶନର ତୃତୀୟ ପର୍ଯ୍ୟାୟ ଅଭିଯାନରେ ବହୁ ପ୍ରବାସୀ ଭାରତୀୟ ନାଗରିକଙ୍କୁ ସାମିଲ କରିବା ପାଇଁ ବହୁଳ ସଂଖ୍ୟକ ଓସିଆଇ କାର୍ଡଧାରୀ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । ଓସିଆଇ କାର୍ଡଧାରୀଙ୍କ ପ୍ରତି କୋହଳ ପନ୍ଥା ଗ୍ରହଣ କରିବାକୁ ସେମାନେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓସିଆଇ କାର୍ଡଧାରୀଙ୍କ ଭାରତ ଗସ୍ତ ଉପରେ କଟକଣା ଜାରି କରିଥିଲେ । ବନ୍ଦେ ମାତରମ ମିଶନର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ୪୭ଟି ଦେଶରୁ ୧୬୦ରୁ ଅଧିକ ବିମାନ ଜରିଆରେ ୩୨ ହଜାରରୁ ଅଧିକ ଭାରତୀୟ ନାଗରିକ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏବେ ଓସିଆଇ କାର୍ଡଧାରୀଙ୍କୁ ଭାରତ ଅଣାଯିବାର ଉଦ୍ୟମ ଚାଲିଛି ।

ନୂତନ ନିୟମ ଅନୁସାରେ ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କଠାରୁ ଜନ୍ମିତ ପିଲାମାନେ ଓସିଆଇ କାର୍ଡ ବଳରେ ଭାରତକୁ ଯାତ୍ରା କରିପାରିବେ । ସେହିପରି ଓସିଆଇ କାର୍ଡଧାରୀ ଆବଶ୍ୟକ ସମୟରେ ଭାରତରେ ରହୁଥିବା ପରିଜନଙ୍କ ନିକଟକୁ ଆସିପାରିବେ । ଅନ୍ୟପକ୍ଷରେ ଦମ୍ପତିଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ଏବଂ ଅନ୍ୟଜଣଙ୍କ ଓସିଆଇ କାର୍ଡଧାରୀ ହୋଇଥିଲେ, ଉଭୟଙ୍କ ଭାରତ ଗସ୍ତକୁ ଅନୁମତି ମିଳିବ । ଭାରତରେ ରହୁଥିବା ବାପାମାଆଙ୍କ ପିଲାମାନେ ବିଦେଶସ୍ଥିତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ଓ ସେମାନେ ଓସିଆଇ କାର୍ଡଧାରୀ ହୋଇଥିଲେ, ଭାରତକୁ ପ୍ରତ୍ୟାବର୍ତ୍ତନ କରିପାରିବେ । ସରକାରଙ୍କ ସଂଶୋଧିତ ନିୟମ ଅନୁସାରେ ବହୁ ଓସିଆଇ କାର୍ଡଧାରୀମାନେ ଜୀବନବ୍ୟାପୀ ଭିସା ପାଇବାକୁ ସକ୍ଷମ ହେବେ । ଉକ୍ତ ଭିସା ବଳରେ ସେମାନେ ଏକାଧିକବାର ଭାରତ ଗସ୍ତ କରିପାରିବେ । ସରକାରୀ ତଥ୍ୟ ଅନୁସାରେ ଏବେ ପ୍ରାୟ ୨ ଲକ୍ଷ ଭାରତୀୟ ନାଗରିକ ଭାରତ ପ୍ରତ୍ୟାବର୍ତ୍ତନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଉକ୍ତ ଭାରତୀୟଙ୍କ ମଧ୍ୟରେ ବିଦେଶରେ ଚାକିରି ହରାଇଥିବା ଯୁବକ ଯୁବତୀ, ପ୍ରସୂତି, ସ୍ୱାସ୍ଥ୍ୟସେବା ଆଶାୟୀଙ୍କ ସଂଖ୍ୟା ଅଧିକ ଅଛି ।

ନିତିଦିନ NITIDIN Sat, May 23, 2020
http://odishanewsnitidin.com